କୋଷ୍ଟାଲ କେମିକାଲ୍ସ ଲିମିଟେଡ ଇତ୍ୟାଦି

ବନାମ

ବାଣିଜ୍ୟିକ ଟିକସ ଅଧିକାରୀ, ଏ.ପି. ଏବଂ ଅନ୍ୟମାନେ ଇତ୍ୟାଦି

ଅକ୍ଟୋବର 14,1999

[ଏସ୍.ପି. ଭରୁଚା, ଭି.ଏନ୍. ଖାରେ ଏବଂ ଡି.ପି. ମହାପାତ୍ର ନ୍ୟାୟମୂର୍ତ୍ତିବୃନ୍ଦ]

*ବିକ୍ରୟ ଟିକସ—ଆନ୍ଧ୍ର ପ୍ରଦେଶ ସାଧାରଣ ବିକ୍ରୟ ଟିକସ ଅଧିନିୟମ, 1957—ଧାରା 5-B(1)—'ବ୍ୟବହୃତ ଦ୍ରବ୍ୟ'—କାଗଜ ଏବଂ ଏହାର ଉତ୍ପାଦର ଉତ୍ପାଦନ ପାଇଁ ଇନ୍ଧନ ଭାବରେ କରଦାତାଙ୍କ ଦ୍ୱାରା ବ୍ୟବହୃତ ପ୍ରାକୃତିକ ଗ୍ୟାସ—'ବ୍ୟବହୃତ ଦ୍ରବ୍ୟ' କି—ଦର୍ଶାଯାଇଛି : ଅପିଲକାରୀଙ୍କ ଦ୍ୱାରା ବ୍ୟବହୃତ ପ୍ରାକୃତିକ ଗ୍ୟାସ, ଶେଷ ଉତ୍ପାଦ ନିର୍ମାଣ ପାଇଁ ଉଦ୍ଦିଷ୍ଟ ନୁହେଁ, ତେଣୁ ଏହା ଏକ 'ବ୍ୟବହୃତ ଦ୍ରବ୍ୟ' ନୁହେଁ ।*

**ଅପିଲକାରୀମାନେ ତୈଳ ଏବଂ ପ୍ରାକୃତିକ ଗ୍ୟାସ ଆୟୋଗରୁ ପ୍ରାକୃତିକ ଗ୍ୟାସ କିଣିଥିଲେ ଏବଂ ଏହାକୁ କାଗଜ ଏବଂ ଏହାର ଉତ୍ପାଦର ଉତ୍ପାଦନ ପାଇଁ ବ୍ୟବହାର କରିଥିଲେ । ଅପିଲକାରୀ ଦାବି କରିଥିଲେ ଏବଂ ଟିକସ ହାରରେ ରିହାତି ପାଇଥିଲେ । ପରବର୍ତ୍ତୀ ସମୟରେ ଯେତେବେଳେ ଏହି ଛାଡ ମଞ୍ଜୁର ହୋଇନଥିଲା, ଅପିଲକାରୀ ଏକ ରିଟ୍ ଆବେଦନ ଦାଖଲ କରିଥିଲେ, ଯାହାକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ । ତେଣୁ ଏହି ଅପିଲଗୁଡ଼ିକ ।**

**ଅପିଲଗୁଡ଼ିକୁ ଖାରଜ କରି ନ୍ୟାୟାଳୟ ଦର୍ଶାଇଛନ୍ତି :**

**1.1.ଏ.ପି. ସାଧାରଣ ବିକ୍ରୟ ଟିକସ ଅଧିନିୟମର ଧାରା 5-B(1)ରେ 'ବ୍ୟବହୃତ ଦ୍ରବ୍ୟ' ଶବ୍ଦଟି ଏହାର ଚାରିପାଖରେ ଥିବା ଶବ୍ଦ ଯଥା, 'କଞ୍ଚାମାଲ', 'ଉପାଦାନ ଅଂଶ', 'ଉପ-ସମାବେଶ ଅଂଶ' ଏବଂ 'ମଧ୍ୟବର୍ତ୍ତୀ ଅଂଶ' ଠାରୁ ଅର୍ଥ ଗ୍ରହଣ କରିଥାଏ ଏବଂ ଏହାକୁ ଧ୍ୟାନରେ ରଖି ଏହାକୁ ପଢ଼ିବା ଆବଶ୍ୟକ; ତେଣୁ ପଢ଼ାଯାଏ, ଏହା ସ୍ପଷ୍ଟ ଅଟେ ଯେ, ଏଥିରେ 'ବ୍ୟବହୃତ ଦ୍ରବ୍ୟ' ଶବ୍ଦ କେବଳ ସେହି ଦ୍ରବ୍ୟକୁ ବୁଝାଏ, ଯାହା ଉତ୍ପାଦନ ପ୍ରକ୍ରିୟାରେ ଏକ ନିବେଶ ଭାବରେ ବ୍ୟବହୃତ ହୁଏ କିନ୍ତୁ ଏହା ସେଥିରେ ବ୍ୟବହୃତ ହୋଇଥିବା କାରଣରୁ ଅନ୍ତିମ ଉତ୍ପାଦରେ ଚିହ୍ନଟ ହୁଏ ନାହିଁ । ଏହି କାରଣରୁ 'ବ୍ୟବହୃତ ଦ୍ରବ୍ୟ'କୁ ସ୍ପଷ୍ଟ ରୂପେ ଉକ୍ତ ପ୍ରାବଧାନରେ ଉଲ୍ଲେଖ କରାଯାଇଛି, ଯଦିଓ ଏହା 'କଞ୍ଚାମାଲ' ଶବ୍ଦର ବ୍ୟାପକ ଅର୍ଥର ଅନ୍ତର୍ଗତ । [698- G- H; 697- A]**

**1.2.ଅପିଲକାରୀମାନଙ୍କ ଦ୍ୱାରା ବ୍ୟବହୃତ ପ୍ରାକୃତିକ ଗ୍ୟାସ ଅନ୍ତିମ ଉତ୍ପାଦ ନିର୍ମାଣ ପାଇଁ ଉଦ୍ଦିଷ୍ଟ ନୁହେଁ । ତେଣୁ ଏହା ବ୍ୟବହୃତ ଦ୍ରବ୍ୟ ନୁହେଁ । [697- C]**

*ବିକ୍ରୟ ଟିକସ (ଆଇନ) ରାଜସ୍ୱ ମଣ୍ଡଳୀ (ଟିକସ) ଉପ ଆୟୁକ୍ତ, ଏର୍ଣ୍ଣାକୁଲମ ବନାମ ମେସର୍ସ ଥୋମାସ୍ ଷ୍ଟିଫେନ୍ ଆଣ୍ଡ କୋ ଲିମିଟେଡ, କ୍ୱିଲନ୍,* **[1988] 2 SCC 264, ଭରସା କରାଯାଇଛି ।**

*ମେସର୍ସ ଜେ.କେ. କଟନ୍ ସ୍ପିନିଙ୍ଗ୍ ଆଣ୍ଡ ୱିଭିଂ ମିଲ୍ସ କୋ. ଲିମିଟେଡ ବନାମ ବିକ୍ରୟ ଟିକସ ଅଧିକାରୀ, କାନପୁର ଏବଂ ଅନ୍ୟଜଣେ,* **[1965] 1 SCR 900;** ଭାରତୀୟ *କୃଷକ ସାର କୋ-ଅପରେସନ ଲିମିଟେଡ ବନାମ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକ, ଅହମ୍ମଦାବାଦ,* **[1996] 5 SCC A 488;** *କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକ, ନୂଆଦିଲ୍ଲୀ ବନାମ ମେସର୍ସ ବଲ୍ଲାରପୁର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ,* **[1989] 4 SCC 566** *ଏବଂ ବାଣିଜ୍ୟିକ ଟିକସ ଅଧିକାରୀ, ମଣ୍ଡଳ ଡି. ଜୟପୁର ବନାମ ରାଜସ୍ଥାନ ବିଦ୍ୟୁତ ମଣ୍ଡଳୀ, ଜୟପୁର,* **[1997] 10 SCC 330, ଅପ୍ରାସଙ୍ଗିକ ଦର୍ଶାଯାଇଛି ।**

ଦେୱାନୀ ଅପିଲ କ୍ଷେତ୍ରାଧିକାର : ଦେୱାନୀ ଅପିଲ ସଂଖ୍ୟା 2379/1991 ଇତ୍ୟାଦି

ଡବ୍ଲ୍ୟୁ.ପି. ସଂଖ୍ୟା. 5532/1990ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତା19.12.90ରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷଙ୍କ ପାଇଁ ଆର୍. ଶଶିପ୍ରଭୁଙ୍କ ପାଇଁ ଭି.ଆର୍. ରେଡ୍ଡୀ, ପ୍ରବୀଣ କୁମାର, (ସୁଶ୍ରୀ ଜାନକୀ ରାମଚନ୍ଦ୍ରନ) (ଏନ୍ ପି), ସୁଶ୍ରୀ ସି.କେ. ସୁଚରିତା, କେ. ରାମ କୁମାର, ସୁଶ୍ରୀ ଶାନ୍ତିନାରାୟଣ ୱାଇ. ସୁବ୍ବା ରାଓ ଏବଂ ବି. ଶ୍ରୀଧର, (ସୁନୀଲ ମୁରର୍କା) ।

**ଭରୁଚା, ନ୍ୟାୟମୂର୍ତ୍ତିଙ୍କ** ଦ୍ୱାରା ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା ।

*ସି.ଏ. ସଂଖ୍ୟା 2379/91:*

ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଆବେଦନରେ ଅପିଲ ପ୍ରତ୍ୟାହାର ହୋଇଥିବାରୁ ଖାରଜ ହେଲା ।

*ସି.ଏ. ସଂଖ୍ୟା 3440/91:*

ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ରିଟ୍ ଆବେଦନ ପାଇଁ ଆପତ୍ତିରେ ଥିବା ଏହି ଆଦେଶ, ଆନ୍ଧ୍ରପ୍ରଦେଶ ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠ ଦ୍ୱାରା ପାରିତ ହୋଇଥିଲା । ରିଟ୍ ଆବେଦନ ଖାରଜ ହୋଇଛି ଏବଂ ଅପିଲ ପାଇଁ ସ୍ୱତନ୍ତ୍ର ଅନୁମତି ମାଧ୍ୟମରେ ଅପିଲକାରୀ ଏଠାରେ ଅଛନ୍ତି ।

ପ୍ରଥମ ଉତ୍ତରଦାତା, ତୈଳ ଏବଂ ପ୍ରାକୃତିକ ଗ୍ୟାସ ଆୟୋଗଙ୍କ ଠାରୁ ଅପିଲକାରୀ ପ୍ରାକୃତିକ ଗ୍ୟାସ କିଣିଥିଲେ । କାଗଜ ଏବଂ କାଗଜ ଉତ୍ପାଦର ଉତ୍ପାଦନ ପାଇଁ ସେ ପ୍ରାକୃତିକ ଗ୍ୟାସକୁ ଇନ୍ଧନ ଭାବେ ବ୍ୟବହାର କରୁଥିଲେ । ସେ ଦାବି କରିଛନ୍ତି ଯେ, ଆନ୍ଧ୍ର ପ୍ରଦେଶ ସାଧାରଣ ବିକ୍ରୟ ଟିକସ ଅଧିନିୟମ, 1957ର ଧାରା 5-B(1) ଅନୁଯାୟୀ ପ୍ରଦାନ କରାଯାଇଥିବା ଟିକସ ଛାଡ ହାର ପାଇଁ ସେ ହକଦାର ଅଟନ୍ତି । ମୂଳତଃ ଏହାକୁ ଅନୁମତି ଦିଆଯାଇଥିଲା ଏବଂ ଯେତେବେଳେ ଏହା ନଥିଲା, ଅପିଲକାରୀମାନେ ପୂର୍ବରୁ କୁହାଯାଇଥିବା ରିଟ୍ ଆବେଦନ ଦାଖଲ କରିଥିଲେ ।

ଧାରା 5-B(1)ରେ ଏହିପରି ଉଲ୍ଲେଖ ରହିଛି:

> "ଏହି ଅଧିନିୟମରେ ଯାହା କିଛି ଥିବା ସତ୍ତ୍ୱେ, ପ୍ରତ୍ୟେକ ବ୍ୟବସାୟୀ ଅନ୍ୟ କୌଣସି ବ୍ୟବସାୟୀଙ୍କୁ କଞ୍ଚାମାଲ, ଉପାଦାନ ଅଂଶ, ଉପ-ସମାବେଶ ଅଂଶ, ମଧ୍ୟବର୍ତ୍ତୀ ଅଂଶ, ବ୍ୟବହୃତ ଦ୍ରବ୍ୟ ଏବଂ ଅନ୍ୟ କୌଣସି ଦ୍ରବ୍ୟର ଗଣ୍ଠିଲି ପାଇଁ ବ୍ୟବହୃତ ସାମଗ୍ରୀ ଭାବରେ ବ୍ୟବହାର କରିବା ପାଇଁ କୌଣସି ଦ୍ରବ୍ୟ ବିକ୍ରୟ ସମ୍ପର୍କରେ, ଯାହା ସେ ରାଜ୍ୟ ଭିତରେ ଉତ୍ପାଦନ କରିବାକୁ ଚାହୁଁଛନ୍ତି, ଟଙ୍କାରେ 4 ପଇସା କିମ୍ବା ଘୋଷିତ ଦ୍ରବ୍ୟ ବ୍ୟତୀତ ଅନ୍ୟ ଦ୍ରବ୍ୟ ସମ୍ବନ୍ଧରେ ଧାରା 5, 5A ଏବଂ 6Bରେ ନିର୍ଦ୍ଦିଷ୍ଟ ଦରରେ କିମ୍ବା ଘୋଷିତ ଦ୍ରବ୍ୟ ସମ୍ବନ୍ଧରେ ଧାରା 6, 5A ଏବଂ 6Bରେ ନିର୍ଦ୍ଦିଷ୍ଟ ହାରରେ, ଯାହା ଏପରି ବିକ୍ରୟ ସମ୍ବନ୍ଧୀୟ କାରବାର ଉପରେ କମ ହୋଇଥାଏ, ଟିକସ ପ୍ରଦାନ କରିବେ :
>
> ପରନ୍ତୁ, ଯେପର୍ଯ୍ୟନ୍ତ ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କ ଠାରୁ ନିର୍ଦ୍ଧାରିତ ଶୁଳ୍କ ପଇଠ ପରେ ପ୍ରାପ୍ତ ହୋଇଥିବା ନିର୍ଦ୍ଧାରିତ ଫର୍ମରେ ନିର୍ଦ୍ଧାରିତ ସବିଶେଷ ବସ୍ତୁ ଥିବା ଦ୍ରବ୍ୟ ବିକ୍ରୟ କରାଯାଇଥିବା ବ୍ୟବସାୟୀଙ୍କ ଦ୍ୱାରା ପୂରଣ ହୋଇଥିବା ଏବଂ ସ୍ୱାକ୍ଷରିତ ଘୋଷଣା ଶୁଳ୍କ, ଦ୍ରବ୍ୟ ବିକ୍ରି କରୁଥିବା ବ୍ୟବସାୟୀ, ମୂଲ୍ୟାଙ୍କନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଧାରିତ ଢଙ୍ଗରେ ପ୍ରଦାନ ନକରନ୍ତି, ଏହି ଉପଧାରାର ବ୍ୟବସ୍ଥାଗୁଡ଼ିକ କୌଣସି ବିକ୍ରୟ କ୍ଷେତ୍ରରେ ଲାଗୁ ହେବ ନାହିଁ ।

ଅପିଲକାରୀଙ୍କ ତରଫରୁ ତର୍କ ହେଉଛି ଯେ, ପ୍ରାକୃତିକ ଗ୍ୟାସ ଉପରୋକ୍ତ ବ୍ୟବସ୍ଥାର ଅର୍ଥ ମଧ୍ୟରେ ଏକ 'ବ୍ୟବହୃତ ଦ୍ରବ୍ୟ' ଅଟେ ଏବଂ ସେଥିପାଇଁ ଟିକସ ଛାଡ ହାର ପାଇବାକୁ ହକଦାର ଅଟନ୍ତି । ଉଚ୍ଚ ନ୍ୟାୟାଳୟ, *ବିକ୍ରୟ ଟିକସ ଉପଆୟୁକ୍ତ (ଆଇନ), ରାଜସ୍ୱ ମଣ୍ଡଳୀ (ଟିକସ), ଏର୍ନାକୁଲମ୍ ବନାମ ମେସର୍ସ ଥୋମାସ୍ ଷ୍ଟିଫେନ୍ ଆଣ୍ଡ କମ୍ପାନୀ ଲିମିଟେଡ୍, କ୍ୱିଲନ୍*, [1988] *2 SCC 264* ମାମଲାରେ ଏହି ନ୍ୟାୟାଳୟଙ୍କ ରାୟ ଉପରେ ଭରସା କରି ଏହି ଉପସଂହାର ପହଞ୍ଚିଲେ ଯେ, ପ୍ରାକୃତିକ ଗ୍ୟାସ ଉକ୍ତ ବ୍ୟବସ୍ଥାରେ 'ବ୍ୟବହୃତ ଦ୍ରବ୍ୟ' ଶବ୍ଦର ଅର୍ଥ ଠାରୁ ଭିନ୍ନ ଅଟେ ।

ଏହି ନ୍ୟାୟାଳୟ ଅନେକ ରାୟ (*ମେସର୍ସ ଜେ.କେ. କଟନ୍ ସ୍ପିନିଙ୍ଗ୍ ଆଣ୍ଡ ୱିଭିଂ ମିଲ୍ସ କୋ. ଲିମିଟେଡ ବନାମ ବିକ୍ରୟ ଟିକସ ଅଧିକାରୀ, କାନପୁର ଏବଂ ଅନ୍ୟଜଣେ,* [1965] 1 SCR 900, *ଭାରତୀୟ କୃଷକ ସାର କୋ-ଅପରେସନ* ଲିମିଟେଡ *ବନାମ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକ, ଅହମ୍ମଦାବାଦ,* [1996] 5 SCC A 488, *କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକ, ନୂଆଦିଲ୍ଲୀ ବନାମ ମେସର୍ସ ବଲ୍ଲାରପୁର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ,* [1989] 4 SCC 566 *ଏବଂ ବାଣିଜ୍ୟିକ ଟିକସ ଅଧିକାରୀ, ମଣ୍ଡଳ ଡି. ଜୟପୁର ବନାମ ରାଜସ୍ଥାନ ବିଦ୍ୟୁତ ମଣ୍ଡଳୀ, ଜୟପୁର,* [1997] 10 SCC 330, ପ୍ରତି ଆମର ଦୃଷ୍ଟି ଆକର୍ଷଣ କରାଯାଇଥିଲା, ଆମ ମତରେ ଏହା ମଧ୍ୟରୁ କୌଣସିଟିର, ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସହିତ କୌଣସି ପ୍ରାସଙ୍ଗିକତା ନାହିଁ । ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା 'ବ୍ୟବହୃତ ଦ୍ରବ୍ୟ' ଶବ୍ଦର ଅର୍ଥ ସହିତ ଜଡ଼ିତ କୌଣସି ରାୟ ଉଲ୍ଲେଖ କରାଯାଇ ନାହିଁ ।

ଉକ୍ତ ପ୍ରାବଧାନରେ 'ବ୍ୟବହୃତ ଦ୍ରବ୍ୟ' ଶବ୍ଦଟି ଏହାର ଚାରିପାଖରେ ଥିବା ଶବ୍ଦ ଯଥା, 'କଞ୍ଚାମାଲ', 'ଉପାଦାନ ଅଂଶ', 'ଉପ-ସମାବେଶ ଅଂଶ' ଏବଂ 'ମଧ୍ୟବର୍ତ୍ତୀ ଅଂଶ' ଠାରୁ ଅର୍ଥ ଗ୍ରହଣ କରିଥାଏ ଏବଂ ଏହାକୁ ଧ୍ୟାନରେ ରଖି ପଢ଼ିବା ଆବଶ୍ୟକ; ସେହିଭଳି ପଢ଼ିଲେ, ଏହା ସ୍ପଷ୍ଟ ହେବ ଯେ, ଏଥିରେ 'ବ୍ୟବହୃତ ଦ୍ରବ୍ୟ' ଶବ୍ଦ କେବଳ ସେହି ଦ୍ରବ୍ୟକୁ ବୁଝାଏ, ଯାହା ଉତ୍ପାଦନ ପ୍ରକ୍ରିୟାରେ ଏକ ନିବେଶ ଭାବରେ ବ୍ୟବହୃତ ହୁଏ କିନ୍ତୁ ଏହା ସେଥିରେ ବ୍ୟବହୃତ ହୋଇଥିବା କାରଣରୁ ଅନ୍ତିମ ଉତ୍ପାଦରେ ଚିହ୍ନଟ ହୁଏ ନାହିଁ । ଯଦିଓ ସେଗୁଡ଼ିକ 'କଞ୍ଚାମାଲ' ଶବ୍ଦର ବ୍ୟାପକ ଅର୍ଥର ଅନ୍ତର୍ଗତ, ଏହି କାରଣରୁ ଉକ୍ତ ପ୍ରାବଧାନରେ 'ବ୍ୟବହୃତ ଦ୍ରବ୍ୟ'କୁ ସ୍ୱଷ୍ଟ ଭାବେ ଉଲ୍ଲେଖ କରାଯାଇଛି ।

ଆକ୍ଷେପିତ ରାୟରେ ଭରସା କରାଯାଇଥିବା ଥୋମାସ୍ ଷ୍ଟିଫେନ୍ ଆଣ୍ଡ କୋ. ମାମଲାରେ, ଏହା ଦର୍ଶାଯାଇଥିଲା ଯେ, ଇନ୍ଧନ ଭାବରେ ବ୍ୟବହୃତ କାଜୁ ଖୋଳ ଅନ୍ୟ ଦ୍ରବ୍ୟ ଉତ୍ପାଦନରେ

ବ୍ୟବହୃତ ହୁଏ ନାହିଁ ଏବଂ ଏହା "କଞ୍ଚାମାଲ ଭାବରେ ଉତ୍ପାଦନରେ ବ୍ୟବହାର ହେବା ଆବଶ୍ୟକ" ।

*ଥୋମାସ୍ ଷ୍ଟିଫେନ୍ ଆଣ୍ଡ କୋ.*ର ଶବ୍ଦ ବ୍ୟବହାର କରିବା ପାଇଁ ଅପିଲକାରୀଙ୍କ ଦ୍ୱାରା ବ୍ୟବହୃତ ପ୍ରାକୃତିକ ଗ୍ୟାସ "ଶେଷ ଉତ୍ପାଦ ତିଆରି କରିବା ପାଇଁ ଉଦ୍ଦିଷ୍ଟ ନୁହେଁ" । ଏହା ଏକ 'ବ୍ୟବହୃତ ଦ୍ରବ୍ୟ' ନୁହେଁ ।

ଖର୍ଚ୍ଚ ସହିତ ଅପିଲ ଖାରଜ କରିଦିଆଗଲା ।

*ସି.ଏ. ସଂଖ୍ୟା. 2697/91:*

ସି.ଏ. ସଂଖ୍ୟା 3440/1991ରେ ପାରିତ ଆଦେଶକୁ ଦୃଷ୍ଟିରେ ରଖି ଏହି ଅପିଲ ଖାରଜ ହୋଇଛି ।

ଏମ୍.ଏସ୍.ଜେ. ଅପିଲ ଖାରଜ କରାଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।